ପ୍ରେସ ନୋଟ

# ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ।

ଅନୁଗୋଳ ୨୭.୧ :- ମହାମାରୀ କୋଭିଡର ନିୟମାବଳୀ ଆଧାରରେ ଜିଲ୍ଲା ସ୍ତରୀୟ ୭୩ତମ ସାଧାରଣତନ୍ତ୍ର ଦିବସ ସମାରୋହ ଗତକାଲି ଅନୁଗୋଳ ଷ୍ଟାଡିୟମଠାରେ ନିରାଡମ୍ବରଭାବେ ପାଳନ କରାଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରିକୃତ ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ସକାଳ ୯ଘଟିକା ୧୫ ମିନିଟ ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଉଦ୍‌ବୋଧନ ଦେଇଥିଲେ । ମନ୍ତ୍ରୀ ତାଂକ ଅଭିଭାଷଣରେ ଜାନୁୟାରୀ ମାସ ୨୬ ତାରିଖ ପବିତ୍ର ସାଧାରଣତନ୍ତ୍ର ଦିବସ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ସ୍ମରଣୀୟ ଦିବସ ବୋଲି ପ୍ରକାଶ କରିଥିଲେ । ଏହି ଦିବସ ଆମ ଦେଶ ଓ ଜାତି ପାଇଁ ଗର୍ବ ଓ ଗୌରବର ଦିନ । ଆଜକୁ ୭୨ ବର୍ଷ ତଳେ ଆମେ ଆମ ସମ୍ବିଧାନ ପାଇଥିଲୁ । ୧୯୫୦ ମସିହା ଜାନୁୟାରୀ ୨୬ ତାରିଖ ଦିନ ଭାରତକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ର ରୂପେ ଘୋଷଣା କରିବାଲାଗି ଆମେ ସମଗ୍ର ଭାରତବାସୀ ଏକ ସମ୍ବିଧାନ ପ୍ରଣୟନ କରିଥିଲେ । ରାଜନୈତିକ ସ୍ୱାଧିନତା ,ସାମାଜିକ ନ୍ୟାୟ,ଗଣତାନ୍ତ୍ରିକ ମୂଲ୍ୟବୋଧ,ଧର୍ମ ନିରପେକ୍ଷତା,ବୈଷମ୍ୟମୁକ୍ତ ସମାଜ ପ୍ରତିଷ୍ଠା ଓ ମାନବାଧିକାର ପ୍ରତି ସମ୍ମାନ ପ୍ରଦର୍ଶନ ଆମ ସମ୍ବିଧାନର ବିଶେଷତ୍ୱ । ଆଜିର ପବିତ୍ର ତିଥିରେ ସମ୍ବିଧାନ ସଭାର ଅଧ୍ୟକ୍ଷ ଡ.ଭୀମରାଓ ଆମ୍ବେଦକର ଏବଂ ଡ.ରାଜେନ୍ଦ୍ର ପ୍ରସାଦ,ପଣ୍ଡିତ ଜବାହାରଲାଲ ନେହେରୁ ,ଏନ୍ ଗୋପାଳ ସ୍ୱାମୀ,କେ ଏମ ମୁନସୀ ,ମୌଲାନା ଅବଦୁଲ କାଲାମ ଆଜାଦ୍,ଡ.ହରେକୃଷ୍ଣ ମହତାବ ,ବିଶ୍ୱନାଥ ଦାଶ,ମାଳତୀ ଦେବୀ ଆଦି ସ୍ୱାଧିନତା ସଂଗ୍ରାମୀ ମାନଂକର ଅକ୍ଲାନ୍ତ ପରିଶ୍ରମ ତ୍ୟାଗ,ବିଚାର ଓ ଦୂରଦୃଷ୍ଟି ଆଧାରରେ ଆମ ଦେଶର ଆଦର୍ଶ ସମ୍ବିଧାନ ପ୍ରସ୍ତୁତ କରାଯାଇଥିଲା । ସେହି ମହାନ ଓ ଦେଶ ଭକ୍ତ ମହାମନିଷୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟଅତିଥି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଆମ ସମ୍ବିଧାନ ପୃଥିବୀର ସର୍ବ ବୃହତ ଲିଖିତ ସମ୍ବିଧାନ । କୋଟି କୋଟି ଭାରତୀୟଂକ ଆଶା,ଆକାଂକ୍ଷା,ଅଭିପ୍ସା ଓ ସ୍ୱପ୍ନ ପ୍ରତିଫଳିତ ହୋଇଛି ଆମ ସମ୍ବିଧାନରେ । ଆଜିର ପବିତ୍ର ଦିବସରେ ମୁଖ୍ୟ ଅତିଥି ଜାତିର ଜନକ ମହାତ୍ମାଗାନ୍ଧୀଂକୁ ବିନମ୍ର ପ୍ରଣତି ଜଣାଇଥିଲେ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଅଖଣ୍ଡତା ରକ୍ଷା ପାଇଁ ସିମାନ୍ତରେ ଯେଉଁ ଯବାନମାନେ ପ୍ରାଣବଳୀ ଦେଉଛନ୍ତି ସେମାନଂକ ଉଦ୍ଦେଶ୍ୟରେ ସେ ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି । ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ନିଜକୁ ଏକ ସାର୍ବଭୌମ ଗଣତନ୍ତ୍ର ରାଷ୍ଟ୍ରର ନାଗରିକଭାବରେ ଆମେ ଯେତେବେଳେ ଗର୍ବ ଅନୁଭବ କରୁ ସେତେବେଳେ ମନେପଡେ ଜାତୀୟ ସଂଗ୍ରାମର ମୁକ୍ତି ଯୋଦ୍ଧାମାନଙ୍କ ତ୍ୟାଗ ଓ ବଳିଦାନର କାହାଣୀ । ଆଜି ମଧ୍ୟ ଅନୁଗୋଳ ଜିଲ୍ଲାର ସଂଗ୍ରାମୀ ମାନଙ୍କ ଅସୀମ ତ୍ୟାଗ ,ସାହାସ ଓଡିଶା ବାସୀଙ୍କ ଭିତରେ ଶିହରଣ ସୃଷ୍ଟି କରେ । ଓଡିଶାରେ ସଂଗଠିତ ଜାତୀୟ ସଂଗ୍ରାମର ମହାସ୍ରୋତରେ ଅନୁଗୋଳ ଜିଲ୍ଲାର ହଜାର ହଜାର ଜନସାଧାରଣ ନିଜକୁ ସାମିଲ କରିଥିଲେ । ଅନୁଗୋଳର ପବିତ୍ର ମାଟି ସଂଗ୍ରାମର ମାଟି । ସେଥିପାଇଁ ବେଠି ବେଗାରୀକୁ ବେଖାତିର କରି ୧୮୯୧ ମସିହାରେ ପ୍ରଣୟନ ହୋଇଥିବା କଳଙ୍କିତ ଅନୁଗୋଳ ରେଗୁଲେଟୋରୀ ଆକ୍ଟକୁ

ଗିରିଜା ଭୂଷଣ ଦତ୍ତ,ହୃଷିକେଷ ତ୍ରିପାଠୀ,ରତ୍ନାକର ନାୟକ,ଆନନ୍ଦ ଚନ୍ଦ୍ର ପ୍ରଧାନ,ଡ.କୃପାସିନ୍ଧୁ ଭୋଇ ପ୍ରମୁଖ ସଂଗ୍ରାମୀ ମାନଂକ ନେତୃତ୍ୱରେ ବିରୋଧ କରାଯାଇଥିଲା । ଅନୁଗୋଳର ବହୁ ସତ୍ୟାଗ୍ରହୀ ଇଞ୍ଚୁଡିର ଲବଣ ସତ୍ୟାଗ୍ରହରେ ଯୋଗ ଦେଇ ସ୍ୱାଧିନତା ସଂଗ୍ରାମକୁ ଶାଣିତ କରିଥିଲେ । ସୁରେନ୍ଦ୍ରନାଥ ଦ୍ୱିବେଦୀ,ଯଦୁମଣି ମଙ୍ଗରାଜଙ୍କ ନେତୃତ୍ୱରେ ସଂଗ୍ରାମୀ ରତ୍ନାକର ନାୟକ ,ହୃଷିକେଷ ତ୍ରିପାଠୀ ,ରସାନନ୍ଦ ବେହେରା, ହୃଷିକେଷ ପ୍ରଧାନ ପ୍ରମୁଖ ସତ୍ୟାଗ୍ରହୀ କାରାବରଣ କରିଥିଲେ । ୧୯୩୪ ମସିହାରେ ମହାତ୍ମାଗାନ୍ଧୀଂକର ଅନୁଗୋଳ ପଦଯାତ୍ରା ଏ ମାଟିକୁ ଧନ୍ୟ କରିଛି । ବିଶିଷ୍ଟ ଜନନାୟକ ପବିତ୍ର ମୋହନ ପ୍ରଧାନଂକ ନେତୃତ୍ୱରେ ସଂଗଠିତ ପ୍ରଜାମଣ୍ଡଳ ଆନ୍ଦୋଳନ,ଗଡଜାତ ମିଶ୍ରଣରେ ଅନୁଗୋଳବାସୀଂକ ସକ୍ରିୟ ସହଯୋଗ ଇତିହାସରେ ଲିପିବଦ୍ଧ ହୋଇରହିଛି । ତାଂକର ନିଃସ୍ୱାର୍ଥପର ଜନସେବା,ସରଳ ଜୀବନଯାପନ,ସଂସ୍କାରବାଦୀ ଚିନ୍ତାଧାରା ଏବଂ ଉତ୍ତମ ନାଗରିକ କେନ୍ଦ୍ରିକ ଶାସନ ବ୍ୟବସ୍ଥା ପାଇଁ ସେ ଓଡିଶାର ରାଜନୈତିକ ପୃଷ୍ଠଭୂମିରେ ଚିରସ୍ମରଣୀୟ ହୋଇରହିବେ । ମୁଖ୍ୟ ଅତିଅତିଥି ଆଜିର ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ସଂଗ୍ରାମୀ ସାରଙ୍ଗଧର ଦାସଂକ ଅବଦାନକୁ ସ୍ମରଣ କରିବା ସହ ପ୍ରଜାମଣ୍ଡଳ ଆନ୍ଦୋଳନରେ ଶହୀଦ ମାନଂକ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଜିଲ୍ଲାରେ କୋଭିଡ କାର୍ଯ୍ୟରେ ନିୟୋଜିତ ଆଗ ଧାଡିର ୯ ଜଣ କୋଭିଡ ଯୋଦ୍ଧା ଡାକ୍ତର,ସ୍ୱାସ୍ଥ୍ୟକର୍ମୀ ଓ ଅଗ୍ନିଶମ କର୍ମଚାରୀଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଡାକବାଜୀ ଯନ୍ତ୍ର ଯୋଗେ ରାମଧୁନ କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଜିଲ୍ଲା କାର୍ଯ୍ୟାଳୟ, ଅନୁଗୋଳ ଉପଜିଲ୍ଲାପାଳ କାର୍ଯ୍ୟାଳୟ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା,ଅନୁଗୋଳ ପୌରପାଳିକା,ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଂକ ଠାରେ ଆୟୋଜିତ ଉତ୍ସବରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଜାତିର ଜନକ ମହାତ୍ମାଗାନ୍ଧୀ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଜନୀ କାନ୍ତ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ,ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ସୁଧାଂଶୁ ରଞ୍ଜନ ନାୟକ, ଡେପୁଟୀ କଲେକ୍ଟର ଶ୍ରୀ ବଇତୁରା ଦିପ୍, ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ଗିରିଜା ଶଙ୍କର ମଲ୍ଲିକ, ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଂକର ସମ୍ପାଦକ ଶ୍ରୀ ଭକ୍ତେଶ୍ୱର ମଲ୍ଲିକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀ ଗଜେନ୍ଦ୍ର ବାରିକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ,ସ୍ୱେଚ୍ଛାସେବୀ,ବୁଦ୍ଧିଜୀବି ଓ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା ୨୫ ତା. ୨୬.୦୧. ୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା ଗଲା ।

(Signature) ୨୬/୧/୨୦୨୨

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ